# ପାହାଡ଼ ତଳର ଏକ ଗାଁ

ତା ୨୨ ଅଗଷ୍ଟ ୨୦୦୯ । ଜିଲ୍ଲା- ଯାଜପୁର । ସୁକିନ୍ଦା-କାଳିଆପାଣି ରାସ୍ତାରେ କୁହିକାଠାରୁ ୮ କି.ମି. ଭିତରକୁ ଗଲେ ପଡ଼ିବ ରାଙ୍କିଆ । କନ୍ଦର୍ଗା ପଞ୍ଚାୟତ ଅନ୍ତର୍ଗତ ଏଇ ଗାଁର ଜନସଂଖ୍ୟା ୨୦୦୧ ଜନଗଣନା ଅନୁଯାୟୀ ୧୭୪୮ (ଏବେ ଦୁଇ ହଜାରରୁ ଅଧିକ ହେବ) । ଗାଁର ପାଖାପାଖି ୨୦୦ ପରିବାର ଭିତରୁ ଦୁଇ ତୃତୀୟାଂଶ ଆଦିବାସୀ (ମୁଣ୍ଡା ଓ ଶବର) । ଅଧିକାଂଶଙ୍କ ପେସା ଚାଷ । ତେବେ ସମୁଦାୟ ଗାଁରେ ଘରୋଇ ଚାଷ ଜମି ସେମିତି କିଛି ନୁହେଁ । ତଥ୍ୟ ଅନୁଯାୟୀ ରାଙ୍କିଆରେ ଥିବା ୧୦୧୪ ଏକର ସରକାରୀ ଜମିରୁ ଅତତଃ ୮୦ ଭାଗ ଜଙ୍ଗଲ କିସମର । ସେଦିନ ରାଙ୍କିଆରେ ଆମେ ପହଞ୍ଚିବା ବେଳକୁ ଦିନ ଗୋଟାଏ ବାଜିଥିଲା । ମୋ ସହିତ ଥିଲେ ସୁକିନ୍ଦା ତହସିଲଦାର । ରାଙ୍କିଆର ଅନ୍ୟୁନ ୫୦ଟି ଆଦିବାସୀ ପରିବାରଙ୍କୁ ଘରଡ଼ିହ ଯୋଗାଇ ଦେବା ନିମନ୍ତେ ଉପଯୁକ୍ତ ଜମିର ତଲାସରେ ସେ ଆଛି । ଗାଁରେ ଖାଲି ପଡ଼ିଥିବା ଢେର୍ ଜମିରେ ଜଙ୍ଗଲର ନାଁ-ଗନ୍ଧ ନ ଥିଲା, ତେବେ ରାଜସ୍ୱ ରେକର୍ଡ଼ରେ ସେସବୁ ଜଙ୍ଗଲ କିସମଭୁକ୍ତ ହୋଇଥିବାରୁ ଜମି ଯୋଗାଡ଼ କରିବା କଷ୍ଟକର ହୋଇପଡୁଥିଲା ।

ଜିପ୍ ପାଖକୁ ଫେରିଆସିବା ବେଳକୁ ଦିନ ତଥାପି ବାକି ଥିଲା । ଆମ ସହିତ ଥିଲେ ୱାର୍ଡ଼ମେମ୍ବର ରାମଚନ୍ଦ୍ର ହେମ୍ବ୍ରମ୍, ଅନ୍ୟମାନଙ୍କ ମଧ୍ୟରେ ଦୁଃଖବନ୍ଧୁ ଦେହୁରୀ, ଗିରିଧାରୀ ମହାକୁଡ଼ ଏବଂ ସାଗର ମୁଣ୍ଡା । ପତଳା ମେଘ ଆଢୁଆଳରେ ଅପରାହ୍ଣର ସୂର୍ଯ୍ୟ ଲୁଚକାଳି ଜାରି ରଖିଥିଲେ ।

ମହାଗିରି ପାହାଡ଼ର ଠିକ୍ ପାଦ ଦେଶରେ ଅବସ୍ଥିତ ରାଙ୍କିଆ । ଲାଗୁଥାଏ, ବାଦଲ ସବୁ ପାହାଡ଼କୁ ଛୁଇଁ ଯାଉଛନ୍ତି ଯେମିତି । ରାସ୍ତାକଡ଼ରେ ପଟିଆ ଖଣ୍ଡେ ପକେଇ କିଛି ସମୟ

ବିଶ୍ରାମ କରିବା ପାଇଁ ଆମକୁ ଅନୁରୋଧ କରିଥିଲେ ଦୁଃଖବନ୍ଧୁ ଦେହୁରୀ । ବୟସ ୩୭-୩୮ ହେବ । ଘର ଆଗରେ ଛୋଟିଆ ସାଇକେଲ୍ ମରାମତି ଦୋକାନଟିଏ । ଆଉ ଟିକିଏ ଦୂରରେ ରାଙ୍କିଆର ଗ୍ରାମଦେବତୀ ମା'ଖଣ୍ଡରେଇଙ୍କ ବିଜେସ୍ଥଳୀ । ଝାଟିମାଟିର କାନ୍ଥରେ ଝୋଟି ପଡ଼ିଛି । ପତାକା ବି ଉଡ଼ୁଛି ମଥାନରେ । ଗାଁର ସମ୍ଭବତଃ ସବୁଠୁ ବୟସ୍କ ପାଣ୍ଡୁ ମୁଣ୍ଡା ସେତେବେଳେ ଆମ ପାଖରେ ପହଞ୍ଚି ସାରିଥାଆନ୍ତି । ଗ୍ରାମଦେବତୀଙ୍କ ପୂଜକ ଲକ୍ଷ୍ମୀଧର ବି ଥାଆନ୍ତି । ପାଣ୍ଡୁ କହିଲେ, 'ବାବୁ, ଶାଳଗ୍ରାମ ରୂପରେ ପୂଜୁଛୁ ମା'ଖଣ୍ଡରାଇଙ୍କୁ । ଭାରି ପ୍ରତ୍ୟକ୍ଷ... ।' ପୂଜକ ମୁଣ୍ଡ ଟୁଙ୍କାରିଲେ । ଝିପ୍‌ଝିପ୍ ବର୍ଷା ପକେଇ ପୁଣି ବନ୍ଦ ହୋଇଗଲା । ମହାଗିରିର ଗୋଟାଏ ଅଂଶ ସାମାନ୍ୟ ଉଜ୍ଜ୍ୱଳ ଦିଶୁଥାଏ । 'କ'ଣ ଅଛି ମହାଗିରିରେ ?' ଉପସ୍ଥିତି ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ଥିଲା ଏଇ ପ୍ରଶ୍ନଟି । ତେବେ ଆମ ଅନୁସନ୍ଧିତ୍ସାର ଉତ୍ତର ଦେବାପାଇଁ ଯେମିତି ପ୍ରସ୍ତୁତ ଥିଲେ ପୂଜକ । 'ଭାରି ପ୍ରସିଦ୍ଧ ଏ ପାହାଡ଼ ଆଜ୍ଞା ! ପାଣ୍ଡବମାନଙ୍କ ଅଜ୍ଞାତ ବାସ ହୋଇଥିଲା ମହାଗିରି ଜଙ୍ଗଲରେ । ଏବେବି ପାହାଡ଼ ଉପରେ ଅଛି ଗୋଟାଏ ପ୍ରକାଣ୍ଡ ଗୁମ୍ଫା । ଆମ ଗାଁରୁ କେହି ଏଯାଏଁ ସେ ଅଞ୍ଚଳରେ ପହଞ୍ଚି ପାରିନାହାନ୍ତି... ତେବେ ଶୁଣୁଛୁ ସେଠି ଏବେ ଜଣେ ସିଦ୍ଧ ଯୋଗୀ ଅଛନ୍ତି !' ଆଉ ମହାଭାରତ କଥା ?' ଆମେ ଉତ୍ସାହର ସହିତ ପଚାରିଲୁ । "ଆଜ୍ଞା, ପଢ଼ା ମୋର ପଞ୍ଚମ ପର୍ଯ୍ୟନ୍ତ, ହେଲେ ମହାଗିରି ଉପରେ ପିଲାଦିନୁ ଆମେ ଯାହା ଶୁଣିଛୁ ତାହା ଏମିତି....' ଅଜ୍ଞାତବାସ କାଳରେ ମହାଗିରିରେ ପାଣିର ଘୋର ଅଭାବ ହୁଅନ୍ତେ ପାଣ୍ଡବମାନେ ପ୍ରାର୍ଥନା କଲେ ଦେବରାଜ ଇନ୍ଦ୍ରଙ୍କୁ । ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ଇନ୍ଦ୍ର ସୃଷ୍ଟି କଲେ ପାହାଡ଼ ଉପରେ ଏକ ଦିବ୍ୟ ଜଳ ଉତ୍ସ । ଚିରସ୍ରୋତା ସେଇ ଝରଣାର ନାଁ 'କୁଣ୍ଡପାଣି' । ଦୂରକୁ ହାତ ଦେଖେଇ ପୂଜକ ଇଙ୍ଗିତ କରୁଥିଲେ ପାହାଡ଼ର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ । ତେବେ ଏତେ ଦୂରରୁ ସେଇ ଆରଣ୍ୟ ନିର୍ଝରିଣୀକୁ ଦେଖିବା ସମ୍ଭବ ନ ଥିଲା । ମହାଗିରିର ସେ ଅଞ୍ଚଳ ହାଲୁକା ବାଦଲ ଆଢ଼ୁଆଳରେ ଭାରି ରହସ୍ୟମୟ ହୋଇ ଉଠୁଥିଲା ।

'ଏବେ କ'ଣ ଅଛି ମହାଗିରିରେ ?' 'ଆଉ କ'ଣ ଅଛି ଆଜ୍ଞା ?' ପୂଜକ କହିଲେ । 'ବଡ଼ବଡ଼ ଗଛ ତ ସବୁ କଟା ସରିଲାଣି । ସବୁ ସନ ମକର ସଂକ୍ରାନ୍ତିରେ ମେଳାଟାଏ ହୁଏ ଯାହା ।' 'ଆଉ ଜୀବଜନ୍ତୁ ?' 'ଆଗେ ବହୁତ ଥିଲେ ଆଜ୍ଞା, ଏଇଲେ ହାତୀ ଅଛନ୍ତି, ବୁଦ୍ଧା ଆଉ ମୟୂର ଅଛନ୍ତି । ହଁ, ଆଜ୍ଞା, ବାଘ୍ରୋ ଆଉ ଭାଲୁ ବି ।' କେହି ବୁଲି ଆସନ୍ତି ନା ନାହିଁ ମହାଗିରିକୁ ବୋଲି ଆମେ ଜାଣିବାକୁ ଚାହିଁଥିଲୁ । ଆମ ପାଖରେ ଠିଆ ହୋଇଥିବା ଓ୍ୱାର୍ଡମେମ୍ବର ଏଥର କହିଲେ, 'କେଇ ବର୍ଷ ହେବ ଶୀତଦିନେ କିଛି କଲେଜ ପିଲା ଆସୁଛନ୍ତି ବୋଲି ଶୁଣିଛୁ । ପାହାଡ଼ ଉପରର ସେଇ ଗୁମ୍ଫାକୁ ସେମାନେ ସମ୍ଭବତଃ ଯିବାକୁ ଚେଷ୍ଟା କରୁଛନ୍ତି । ବାବୁ, ସେଠି ସିଦ୍ଧ ଯୋଗୀ ଅଛନ୍ତି ନା ନାହିଁ ଆମେ ତ ଦେଖିନୁ, କିନ୍ତୁ ମରିବା ଆଗରୁ ପଣ୍ଡୁ ମାଷ୍ଟ୍ରେ ଆମକୁ କହିଥିଲେ ଯେ ଅନେକ ଉପରେ ପାହାଡ଼ ଚଟାଣରେ ଏକ ବେଶ୍ ବଡ଼ ଫକଡ଼ାରେ କ'ଣ ସବୁ ଅଦ୍ଭୁତ ଅକ୍ଷରରେ ଲେଖା ହୋଇଛି । ପଣ୍ଡୁ ମାଷ୍ଟ୍ରେଙ୍କର କିଛି ଦଖଲ ଥିଲା... ସିଏ ତ ଚାଲିଗଲେଣି, ଆଉ ପଥରରେ ଖୋଦେଇ ହୋଇଥିବା ସେ

ଅଳବ ଲେଖା କି ଚଟାଣ ହୁଏତ ଆଉ ବର୍ଷକୁ ନ ଥିବ ।' କଥା ପ୍ରସଙ୍ଗରେ ପାଣ୍ଡୁ ଆରମ୍ଭ କଲେ, 'ଆଜ୍ଞା, ଦେଢ଼ ବର୍ଷ ହେବ । ମହାଗିରିରେ ମଝିରେ ମଝିରେ ବ୍ଲାଷ୍ଟିଂ ଶୁଭୁଛି, ଠାଏ ଠାଏ ଡ୍ରିଲିଂ ଚାଲିଛି । ସେଇ ଦିନରୁ ଶୁଣାଯାଉଛି ଯେ ମହାଗିରିରେ ୟୁରାନିୟମ୍‌ର ସନ୍ଧାନ ମିଳିଛି, କିଏ କହୁଛି ସୁନାଖଣି ଅଛି ଏଠି । ଦି'ମାସ ତଳେ ତ ରୀତିମତ ପ୍ରଘଟ ହୋଇଗଲା ଯେ ରାଙ୍କିଆ ସମେତ ଆଖପାଖ ପାଞ୍ଚଖଣ୍ଡ ଗାଁର ଲୋକଙ୍କୁ ହଟିବା ପାଇଁ ହେବ ।'

ବୃଦ୍ଧଙ୍କ କଥାରେ ପାଳି ଧରିଲେ ଦୁଃଖବନ୍ଧୁ । ଆମ ଅଜାଣତରେ ସେ ଯା ଭିତରେ ଦି'ଗୋପା ହାଣ୍ଡିଆ ପକେଇ ସାରିଥିଲେ । 'ସର୍କାରଙ୍କ ହୁକୁମମାନେ ଆମକୁ ଅଲବତ୍ ମାନିବାକୁ ତ ପଡ଼ିବ ।' ମୁଁ ତହସିଲଦାରଙ୍କ ମୁହଁକୁ ଚାହିଁଲି । ତାଙ୍କଠୁ ଶୁଣିଲି ଯେ ଭାରତ ସରକାରଙ୍କ ଆଣବିକ ଖଣିଜ ନିର୍ଦ୍ଦେଶାଳୟ ରାଙ୍କିଆ ଏବଂ ମହାଗିରିରେ ସମ୍ଭାବ୍ୟ ଆଣବିକ ଖଣିଜ (ୟୁରାନିୟମ) ସର୍ଭେ ଜାରି ରଖିଛନ୍ତି । ଏଇ ଅଳ୍ପଦିନ ତଳେ ରାଙ୍କିଆରେ ୨୦ଟି ବୋରହୋଲ୍ ଖୋଳିବା ପାଇଁ ରାଜ୍ୟ ପ୍ରଶାସନକୁ ଅନୁମତି ମାଗିଛି ସମ୍ପୃକ୍ତ ନିର୍ଦ୍ଦେଶାଳୟ ।

ବାଦଲ ଆଢୁଆଳରେ ସୂର୍ଯ୍ୟ ଛପି ସାରିଥିଲେ । ସନ୍ଧ୍ୟା ପାହୋଇ ଆସୁଥିଲା । ପୁଣି ଝିପ୍‌ଝିପ୍ ବର୍ଷା ଆରମ୍ଭ ହୋଇଥିଲା । ଆମଠୁ ପ୍ରାୟ ୧୦୦ ମିଟର ଦୂରରେ ଗୋଟିଏ ଛୋଟିଆ ଦୋକାନ ଆଗରେ କିଛି ଲୋକଙ୍କ ଭିଡ଼ ବାରି ହୋଇପଡୁଥିଲା । 'ହାଣ୍ଡିଆ ଆଜ୍ଞା, ଖଣିଖାଦାନରୁ ଫେରୁଥିବା ଗାଁର ଲେଣ୍ଡିଆ ସେଇଠି ଭାମା ପାଖରୁ ହାଣ୍ଡିଆ ପିଅନ୍ତି । ହଏ ଆଜ୍ଞା, ଆମେ ତ ମାଙ୍କଡ଼ । ବାଳୀ ସୁଗ୍ରୀବର ରାଜ୍ୟ ଇଏ । ଯେମିତି ମାଙ୍କଡ଼ ଥିଲୁ ସେମିତି ଅଛୁ । ବେକାରରେ ତେଣ୍ଟିଛୁ । ଏଟା ପ୍ରକୃତରେ ଥିଲା କିଷ୍କିନ୍ଧାଗଡ଼ । ଏବେ ଲୋକେ କୋଲୁଛନ୍ତି ସୁଜିନ୍ଦାଗଡ଼ । ଏଠି ଖଣିଖାଦାନ ଅଛି, ଜଙ୍ଗଲ ଅଛି, କାରଖାନା ବସେଇବା ପାଇଁ ଜମି ଅଛି-ହେଲେ ଆମର କ'ଣ ଅଛି ? ଗାଁର ୨୦୦ ଘର ଭିତରୁ ହଏ ୨୦-୨୫ ଘରିକି ପାଉଛନ୍ତି ଦି'ଟଙ୍କିଆ ଚାଉଳ । ଦି'ବର୍ଷ ହେବ ଜବ୍‌କାର୍ଡ଼ ଆମେ ପାଉଛୁ...। ହେଲେ କାମ ନାହିଁ କି ଆମର ଜମାଖାତା ବି ନାହିଁ । ସେକ୍ରେଟାରୀର ଯାହା ଇଚ୍ଛା । ଖରାଦିନେ ଏଠି ପିଇବା ପାଣି ବି ନାହିଁ । ହେଲେ ଆମର ଦୁଃଖ ନାହିଁ ଆଜ୍ଞା, ମହାଗିରି ଅଛି, ଜଙ୍ଗଲ ଅଛି ତ ଆମର ଜୀବନ ଅଛି...!' ଦୁଃଖବନ୍ଧୁ ସାର । ଗାଁର କାହାଣୀ ଶୁଣେଇବା ଜାରି ରଖିଥିଲେ ।

ରାଙ୍କିଆ ଛାଡ଼ିବା ଆଗରୁ ଆମକୁ ଅତିକ୍ରମ କରିଥିଲା ଡ୍ରିଲିଂ ମେସିନ୍ ଲଦା ହୋଇଥିବା ଗୋଟିଏ ବଡ଼ ଟ୍ରକ୍ । ଝିପିଝିପି ବର୍ଷାରେ ମହାଗିରି ଦିଶୁଥିଲା ଝାପ୍‌ସା ଝାପ୍‌ସା । ଗାଁ ଛାଡ଼ିବା ଆଗରୁ ଆମେ ବୁଝି ସାରିଥିଲୁ ଯେ ଏବେ ବି ଅଧିକାଂଶ ପରିବାର ମହାଗିରି ଜଙ୍ଗଲରୁ ଜାଳେଣି କାଠ ଆଣି ବିକନ୍ତି । ଗାଁର ସବୁଠୁ ଶିକ୍ଷିତଙ୍କ ଭିତରେ ପାଣ୍ଡୁ ମାଷ୍ଟ୍ରେଙ୍କ ପରେ ସାମିଲ ହୋଇଛନ୍ତି ଜଣେ ପ୍ରାଇମେରୀ ସ୍କୁଲ ଶିକ୍ଷକ ଏବଂ ଜଣେ ବ୍ୟାଙ୍କ କିରାଣି । ଶହେ ବର୍ଷ ଧରି ଚାଲିଥିବା କାଳିଆ ପାଣି ଅଞ୍ଚଳର ମାଇନିଂ ଶିଳ୍ପ ରାଙ୍କିଆ ପରି ଗାଁର ଅର୍ଥନୀତିକୁ ଖୁବ୍ ଅଧିକ ଛୁଇଁ ପାରିନାହିଁ । କୁହିକା ଧରିବା ବେଳକୁ ସନ୍ଧ୍ୟା ହୋଇ ସାରିଥିଲା । ମୁଖ୍ୟରାସ୍ତାଠୁ ଅଳ୍ପ ଦୂରରେ ଆମର ଦୃଷ୍ଟି ଆକର୍ଷଣ କରିଥିଲା ଜଣଙ୍କ ଘର ଆଗରେ ଉଡୁଥିବା ଜାତୀୟପତାକା । ସେଇ ଘର ଫାଟକ ଆଗରେ ଆମେ ଗାଡ଼ି ଅଟକେଇଲୁ । ୭/୮ ବର୍ଷର ଗୋଟିଏ କୁନି ଝିଅକୁ

ସାଙ୍ଗରେ ଧରି ଘରୁ ବାହାରି ଆସିଲେ ଜଣେ ମହିଳା । ଘର ବାହାରେ ବିଜୁଳି ଆଲୁଅ ଥିଲା । 'ଆଜି ଅଗଷ୍ଟ ୨୧ । ଆପଣ ଜାତୀୟ ପତାକା ଏପର୍ଯ୍ୟନ୍ତ ଓହ୍ଲାଇ ନାହାନ୍ତି କେମିତି ?' ସାମାନ୍ୟ ବିରକ୍ତ ହୋଇ ପଚାରିଥିଲେ ତହସିଲଦାର । କୁନି ଝିଅଟିର ମୁହଁ ଏଥର ରୀତିମତ କାନ୍ଦ କାନ୍ଦ ଦେଖାଗଲା । ଟିକିଏ ନିରବ ରହିବା ପରେ ଝିଅକୁ ଛାଡ଼ି ଫ୍ଲାଗ୍‌ପୋଷ୍ଟ ଆଡ଼କୁ ଯିବାବେଳେ ମହିଳାଙ୍କ ଉତ୍ତର ଥିଲା ଏମିତି- 'ଆଜ୍ଞା, ଆମେ ଜାଣିଛୁ ଅଗଷ୍ଟ ୧୫ ସନ୍ଧ୍ୟାରେ ଜାତୀୟ ପତାକା ଓହ୍ଲେଇ ଦେବା ନିୟମ... ହେଲେ ମୋ ଝିଅର ଏକା ଜିଦ୍‌... ପତାକା ସେମିତି ଉଡ଼ିବ ।' ଝିଅଟି ଘର ଭିତରକୁ ଚାଲିଯାଇଥିଲା ସେତେବେଳକୁ । ସେ ନିଶ୍ଚୟ କାନ୍ଦୁଥିଲା । 'କ'ଣ କହୁଥିଲା ଝିଅ ?' ଆମ ସ୍ୱର ନରମ ହୋଇ ସାରିଥିଲା । 'ଝିଅର ବାପା କାହାନ୍ତି ?' ପ୍ରଶ୍ନର ସ୍ୱର ପୁରା ନରମ ହୋଇ ସାରିଥିଲା ସେତେବେଳକୁ । ପତାକା ଭାଙ୍ଗୁ ଭାଙ୍ଗୁ ଭଦ୍ରମହିଳା କହିଲେ, 'ତାଙ୍କର ଛୁଟି ସରି ଯାଇଥିଲା । ଅଗଷ୍ଟ ୧୬ ତାରିଖ ଦିନ ସିଏ ଫେରିଯାଇଛନ୍ତି ତାଙ୍କ ଆମ ଡ୍ୟୁଟିକୁ ।'

■